# NATIONAL NEWS BULLETIN (ODIA)

## 13 October - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଶକ୍ତି କେବଳ ଅଗ୍ରସର ହେବାର କ୍ଷମତା ନୁହେଁ ବରଂ ଏହା ଅନ୍ୟମାନଙ୍କୁ ସଶକ୍ତ କରିବାର କ୍ଷମତା ରଖିଥାଏ- କହିଲେ ପ୍ରଧାନମନ୍ତ୍ରୀ ।

- ବସୁଧୈବ କୁଟୁମ୍ବକମ୍ ନୀତି ଅନୁଯାୟୀ ମାନବ କଲ୍ୟାଣ ଓ ଶାନ୍ତି ସ୍ଥାପନ ଦିଗରେ ଭାରତ ପ୍ରତିବଦ୍ଧ-ବିମ୍‌ଷ୍ଟେକ୍ ସମ୍ମିଳନୀରେ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି କାନାଡାର ବୈଦେଶିକ ମନ୍ତ୍ରୀ ଅନୀତା ଆନନ୍ଦ ।

- ଜାତିସଂଘର ଘୋଷଣାନାମାରେ ଆତଙ୍କବାଦ ବିରୋଧୀ ନୀତି ଅନ୍ତର୍ଭୁକ୍ତ କରିବା ଲାଗି ଭାରତର ପ୍ରସ୍ତାବ ।

ଏବଂ

- ମହିଳା କ୍ରିକେଟର ଶେଫାଳି ବର୍ମା ଓ ପୁରୁଷ କ୍ରିକେଟର ଶୁଭମନ ଗିଲ 'କ୍ରିକେଟର ଅଫ୍ ଦ ମନ୍ଥ' ବିବେଚିତ ।

---

# ପିଏମ୍ ଇକୋନୋମିକ ଫୋରମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କେନ୍ଦ୍ର ସରକାର ନିଜର ପ୍ରଶାସନିକ ଆଭିମୁଖ୍ୟ ଏବଂ କାର୍ଯ୍ୟ ସଂସ୍କୃତିରେ ସଶକ୍ତିକରଣ ପାଇଁ ଶକ୍ତିନୀତିକୁ ପ୍ରତିଫଳିତ କରିଛନ୍ତି । ନୂଆଦିଲ୍ଲୀର ବ୍ଲୁମବର୍ଗ ନିଉ ଇକୋନୋମି ଫୋରମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଭାରତର ପ୍ରଗତି ସାମୁହିକ ଅଭିବୃଦ୍ଧି ଏବଂ ସହଭାଗି ସୁଯୋଗ ଉପରେ ଆଧାରିତ । ଶକ୍ତି କେବଳ ଆଗକୁ ବଢ଼ିବାର କ୍ଷମତା ନୁହେଁ, ବରଂ ଏହା ଅନ୍ୟମାନଙ୍କୁ ସଶକ୍ତ କରିବାର କ୍ଷମତା ରଖିଥାଏ । ବର୍ତ୍ତମାନର ଯୁଗରେ ଡିଜିଟାଲ ଶକ୍ତି ଏହି ପରିବର୍ତ୍ତନର ଅନ୍ୟତମ ପ୍ରମୁଖ ବାହକ ଭାବେ ଉଭା ହୋଇଛି ଏବଂ ଏହି ଦୂରଦୃଷ୍ଟିକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଡିଜିଟାଲ ଶକ୍ତି ଭାରତ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Power)**

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତର ଆର୍ଥିକ ଅଭିବୃଦ୍ଧି ସୁଦୃଢ଼ ଭିତ୍ତିରେ ହେଉଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଜିଡିପି ଅଭିବୃଦ୍ଧି ୭ ଦଶମିକ ୮ ପ୍ରତିଶତ ରହିଛି । ଆଜି ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଡଲାର ଅତିକ୍ରମ କରିଛି । ବ୍ୟାଙ୍କିଂ ବ୍ୟବସ୍ଥା ମଧ୍ୟ ଅନେକ ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସ୍ଥିତିରେ ରହିଛି । ଭାରତର ସଂସ୍କାର ଏକ୍ସପ୍ରେସ୍ ଦ୍ରୁତଗତିରେ ଆଗକୁ ବଢୁଛି ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏକବିଂଶ ଶତାବ୍ଦୀରେ ଭାରତର ପ୍ରଗତି ହେଉଛି ସମସ୍ତଙ୍କ ସହିତ ମିଶି ଆଗକୁ ବଢ଼ିବା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ଯିବା । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱ ଯେତେବେଳେ ଏକ ସ୍ଥିର ମୁଳଦୁଆ ଆବଶ୍ୟକ କରେ ଭାରତ ସେତେବେଳେ ନିଜର ଦାୟିତ୍ୱ ସ୍ୱୀକାର କରି ସମର୍ଥନର ହାତ ବଢ଼ାଇଥାଏ । ଆଜି ଭାରତରେ ୨ହଜାରରୁ ଅଧିକ ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ର ରହିଛି, ଯେଉଁଗୁଡ଼ିକ ସାରା ବିଶ୍ୱର କମ୍ପାନୀଗୁଡ଼ିକୁ ସେବା ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତି, ତଥ୍ୟ, ଜ୍ଞାନ ଏବଂ ନବସୃଜନ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଉତ୍ସ ପାଲଟିଛି । ଭାରତର ସାମର୍ଥ୍ୟ ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ସୁଯୋଗର ନୂତନ ଦ୍ୱାର ଖୋଲିବା ଲାଗି ସରକାରଙ୍କ ନିରନ୍ତର ପ୍ରୟାସ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଭାରତ ଗଣତନ୍ତ୍ରର ଜନନୀ ଏବଂ ଏଠାରେ ୧୦୦ରୁ ଅଧିକ ଭାଷା, ପ୍ରାୟ ୮୦ ହଜାର ପଞ୍ଜିକୃତ ସମ୍ବାଦପତ୍ର ଏବଂ ପ୍ରକାଶନୀ ସଂସ୍ଥା, ଏକହଜାରରୁ ଅଧିକ ସାଟେଲାଇଟ୍ ଟେଲିଭିଜନ ଚ୍ୟାନେଲ ରହିଛି । ଗତ ଦଶନ୍ଧି ମଧ୍ୟରେ ଭାରତ ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ ମସିହାରୁ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉଲ୍ଲେଖନୀୟ ଭାବେ ସମ୍ପ୍ରସାରିତ ହୋଇଛି ଏବଂ ଷ୍ଟାର୍ଟଅପ୍

ସଂଖ୍ୟା ୨ଲକ୍ଷ ୫୦ହଜାର ସଂଖ୍ୟା ଅତିକ୍ରମ କରିଛି । ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରୁ ପ୍ରାୟ ଅଧା ଛୋଟ ସହର ଏବଂ ବଡ ସହରରୁ ଆସିଥିବାବେଳେ ୪୫ ପ୍ରତିଶତରୁ ଅଧିକଙ୍କର ଅତି କମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ ବା ଅଂଶୀଦାର ଅଛନ୍ତି ।

# ବିମ୍‌ଷ୍ଟେକ୍ ହୋମ୍ ମିନିଷ୍ଟର

ଭାରତ ପ୍ରଥମଥର ଲାଗି ବଙ୍ଗୋପସାଗର ସୀମାବର୍ତ୍ତୀ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ଓ ବୈଷୟିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିମ୍‌ଷ୍ଟେକ୍ ସ୍ୱରାଷ୍ଟ୍ରମନ୍ତ୍ରୀ ମାନଙ୍କ ବୈଠକ ଆୟୋଜନ କରିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ଐତିହାସିକ ବୈଠକରେ ଆତଙ୍କବାଦର ମୁକାବିଲା, ସଂଗଠିତ ଅନ୍ତର୍ଜାତୀୟ ଅପରାଧକୁ ପ୍ରତିହତ କରିବା, ନିଶାଦ୍ରବ୍ୟ ଓ ମାନବ ଚାଲାଣକୁ ରୋକିବା, ବେଆଇନ୍ ଅର୍ଥ କାରବାର ଏବଂ ସାଇବର ବିପଦର ଦୃଢ଼ ମୁକାବିଲା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେଉଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିମ୍‌ଷ୍ଟେକ୍ ବୈଠକରେ ଯୋଗଦେଇ କହିଛନ୍ତି ଆଞ୍ଚଳିକ ସମନ୍ୱୟ, ଅର୍ଥନୈତିକ ସହଯୋଗ ଏବଂ ସାମଗ୍ରିକ ସୁରକ୍ଷା କ୍ଷେତ୍ରରେ ବିମ୍‌ଷ୍ଟେକ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଛି । ଶ୍ରୀ ଶାହା କହିଛନ୍ତି ଭାରତ ସବୁବେଳେ ବସୁଧୈବ କୁଟୁମ୍ବକମ୍‌ର ନୀତି ଅନୁଯାୟୀ ମାନବ କଲ୍ୟାଣ ଏବଂ ଶାନ୍ତିସ୍ଥାପନ ଦିଗରେ ପ୍ରତିବଦ୍ଧତା ପ୍ରକାଶ କରି ଆସିଛି । ଭାରତ ସମସ୍ତ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଏକତାକୁ ସମ୍ମାନ ଦେବାସହ ଆଲୋଚନା ଜରିଆରେ

ଉପୁଜୁଥିବା ସମସ୍ୟା ଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେଇଆସୁଥିବା ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

**V/O (Amit Saha Drugs)**

ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ବିଷୟ ଦୋହରାଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଆତଙ୍କବାଦୀମାନଙ୍କୁ ଆଶ୍ରୟ ନ ଦେବା ଏବଂ ସେମାନଙ୍କ ପାଇଁ ପାଣ୍ଠିଯୋଗାଣ ବନ୍ଦ କରିବା ନିମନ୍ତେ ସମସ୍ତ ଦେଶ ମିଳିତ ଉଦ୍ୟମ କରିବା ଆବଶ୍ୟକ ।

# କାନାଡା ଏଫ୍‌ଏମ୍ ଇଣ୍ଡିଆ

କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ କାଳରେ ସେ ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଦକ୍ଷତାବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ସହ ଆସନ୍ତାକାଲି ସାକ୍ଷାତ୍ ଆଲୋଚନା କରିବେ । ଇତିମଧ୍ୟରେ ଭାରତରେ ଅବସ୍ଥାପିତ କାନାଡ଼ାର ଉଚ୍ଚାୟୁକ୍ତ କ୍ଲିଷ୍ଟୋଫର କୁଟର କହିଛନ୍ତି କାନାଡ଼ା’ ଭାରତ ସହ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି, ବୃହତ୍ ପୁଞ୍ଜିନିବେଶ ଏବଂ ଲୋକସମ୍ପର୍କ ବୃଦ୍ଧି ଦୃଢ଼ କରିବା ଲାଗି ଆଗ୍ରହୀ । ସେ କହିଛନ୍ତି ଆଗାମୀ ଦିନରେ ଉଭୟଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆହୁରି ଦୃଢ଼ ହେବାକୁ ଯାଉଛି । ଉଭୟ

ଦେଶର ଲୋକଙ୍କ ପାଇଁ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ଅନେକ ସମ୍ଭାବନା ସୃଷ୍ଟି କରିଥିବା ସେ କହିଛନ୍ତି ।

## ଇଣ୍ଡିଆ-ୟୁଏନ୍ ଟେରୋରିଜିମ

ଜାତିସଂଘରେ ମାନବତା ବିରୋଧରେ ଅପରାଧ, ବିଶେଷକରି ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ନେଇ ଭାରତ ଆହ୍ୱାନ ଦେଇଛି । ଜାତିସଂଘର ସାଧାରଣ ଅଧିବେଶନର ଷଷ୍ଠ କମିଟି ବୈଠକରେ ଉଦ୍‌ବୋଧନ ଦେଇ ଜାତିସଂଘ ଦ୍ୱାରା ପ୍ରସ୍ତାବିତ ଘୋଷଣାନାମାରେ ଏହି ବିଷୟକୁ ସ୍ଥାନିତ କରିବା ଲାଗି ଜାତିସଂଘରେ ଭାରତର ପରାମର୍ଶଦାତା ଆର୍ ମିଥିଲ କହିଛନ୍ତି । ସେ କହିଛନ୍ତି ଦେଶଗୁଡ଼ିକ ସେମାନଙ୍କର ପ୍ରାଥମିକ ଉତ୍ତର ଦାୟିତ୍ୱ ବହନ କରି ଜନସାଧାରଣଙ୍କ ସୁରକ୍ଷା ଏବଂ ଅପରାଧର ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଯୋଗାଇ ଦେବା ଉଚିତ୍ । ସୁଶ୍ରୀ ମିଥିଲ କହିଛନ୍ତି ଏହି ଘୋଷଣାନାମା ୨୦୨୮ ମସିହାରେ ହେବାକୁଥିବା ଆନ୍ତର୍ଜାତିକ ସମ୍ମିଳନୀରେ ଗ୍ରହଣ କରାଯିବାର ସମ୍ଭାବନା ରହିଛି ।

## ସେବା ସଂକଳ୍ପ-ଆକ୍ଟ ଇଷ୍ଟ ପଲିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି

ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଆକ୍ଟ ଇଷ୍ଟ ପଲିସି' ଉପରେ ସୂଚନା ପ୍ରଦାନ କରୁଛୁ ।

ପୂର୍ବୋଦୟର ବିକାଶକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୧୪ ପରଠାରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ନିମନ୍ତେ ଆକ୍ଟ ଇଷ୍ଟ ପଲିସି ଆରମ୍ଭ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବିଭିନ୍ନ ପ୍ରକାରର ଉଗ୍ରବାଦ କାର୍ଯ୍ୟକଳାପ ଏବେ ୭୦ ପ୍ରତିଶତକୁ ହ୍ରାସ ପାଇଛି । ସରକାରୀ ସୂଚନା ମୁତାବକ ସଂପୃକ୍ତ ରାଜ୍ୟ ଗୁଡ଼ିକରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ନେଇ ସଶସ୍ତ୍ରବାହିନୀ ଗୁଡ଼ିକ ସହ ଐତିହାସିକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବୋଡୋ, କାର୍ବି ଏବଂ ଉଲ୍‌ଫା ଭଳି ସଂଗଠନଗୁଡ଼ିକର ୧୦ହଜାରରୁ ଅଧିକ ଉଗ୍ରବାଦୀ ଇତିମଧ୍ୟରେ ଆତ୍ମସମର୍ପଣ କରିଛନ୍ତି । ବହୁବର୍ଷ ଧରି ଚାଲିଆସିଥିବା ସଶସ୍ତ୍ରବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ୍‌କୁ ଧୀରେ ଧୀରେ ପ୍ରତ୍ୟାହାର କରାଯାଉଛି । ଉଗ୍ରବାଦପୂର୍ଣ୍ଣ ରାଜ୍ୟଗୁଡ଼ିକରେ ସ୍ଥିର ସରକାର ରହିବା ଫଳରେ ବିକାଶକାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଏବଂ ସେହିସବୁ ଅଞ୍ଚଳ ଗୁଡ଼ିକରେ ଲୋକମାନଙ୍କ ନିକଟରେ ବିକାଶମୂଳକ କାର୍ଯ୍ୟ ପହଞ୍ଚାଇବା ଉଦ୍ଦେଶ୍ୟରେ ନିରନ୍ତର କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ଡିଭାଇନ୍ ଯୋଜନାରେ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ

ଗୁଡ଼ିକରେ ଭିତ୍ତିଭୂମି ବିକାଶ କାର୍ଯ୍ୟ କରାଯାଉଛି । ସବୁଦିନିଆ ରାଜ୍ୟ ରାଜପଥ ନିର୍ମାଣ, ସେତୁ ନିର୍ମାଣ, ରେଳ ନେଟୱାର୍କ ବୃଦ୍ଧି ଏବଂ ବିମାନବନ୍ଦର ସ୍ଥାପନ ଭଳି ବିଭିନ୍ନ ଯୋଜନା ସରକାର ହାତକୁ ନେଇଛନ୍ତି । ୨୦୨୩ ମସିହାରେ ଆସାମ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦୀ ନିଜ ଅଭିଭାଷଣରେ କହିଥିଲେ ଉତ୍ତର-ପୂର୍ବାଞ୍ଚଳ ଏବେ ଦେଶର ଏକ ପ୍ରମୁଖ ଅର୍ଥନୈତିକ ହବ୍ ପାଲଟିଛି ।

**V/O (PM Modi)**

# ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ଆନ୍ତର୍ଜାତିକ କ୍ରିକେଟ ପରିଷଦ ଆଇସିସି' ଭାରତୀୟ ମହିଳା କ୍ରିକେଟର ସେଫାଳି ବର୍ମାଙ୍କୁ ଚଳିତ ବର୍ଷ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରିଛି । ମହିଳା ଏସିଆ କପ୍ ଏବଂ ଏସୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିଥିବା ସେଫାଳି ବର୍ମା ମହିଳା କ୍ରିକେଟ୍‌ରେ ଏହି ସଫଳତା ହାସଲ କରିଛନ୍ତି । ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି ଭାବେ ଅଭିହିତ କରାଯାଇଛି । ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ପକ୍ଷରୁ ଏହି ମାନ୍ୟତା ମିଳିଛି । ଗତବର୍ଷ ନଭେମ୍ବର ମାସରେ ୨୨ ବର୍ଷୀୟ ସେଫାଳି ବର୍ମାଙ୍କୁ ମଧ୍ୟ ଶ୍ରେଷ୍ଠ ଖେଳାଳି ମାନ୍ୟତା ମିଳିଥିଲା ।